## ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ

## ଆଞ୍ଚଳିକ ଗବେଷଣା ସଂପ୍ରସାରଣ ଉପକେନ୍ଦ୍ର,ସୁନ୍ଦରଗଡ

## ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ,ସୁନ୍ଦରଗଡ

***ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୧୨ , ବୁଲେଟିନ ନମ୍ବର-୨୩ , ତାରିଖ  :୧୯।୦୩।୨୦୨୪,ମଙ୍ଗଳ ବାର***

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୨୦.୦୩.୨୦୨୪–୨୪.୦୩.୨୦୨୪ ,ବୁଧ ବାର-ରବି ବାର ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି  ।ସର୍ବାଧିକ ତାପମାତ୍ରା (୨୭-୩୩ $^{0}$C) ମଧ୍ୟରେ ରହିବାର ସମ୍ଭାବନା ରହିଛି  ଓ ସର୍ବନିମ୍ନ ତାପମାତ୍ରା (୨୦ -୨୩ $^{0}$C ) ମଧ୍ୟରେ ରହିବାର ସମ୍ଭାବନା ରହିଛି ।ଆଗାମୀ ସପ୍ତାହର ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୪୧–୮୪%) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୧୧–୩୬%) ମଧ୍ୟରେ  ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶୋର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ଦେଓଗଡ | ୨୦-୦୩-୨୦୨୪ | ୧୫ | ୨୭ | ୨୦ | ୮ | ୮୪ | ୨୮ | ୯ | ୨୪୮ |
| | ୨୧-୦୩-୨୦୨୪ | ୫ | ୨୮ | ୨୧ | ୮ | ୭୨ | ୩୬ | ୫ | ୯୦ |
| | ୨୨-୦୩-୨୦୨୪ | ୦ | ୩୧ | ୨୧ | ୨ | ୭୪ | ୨୬ | ୫ | ୧୧୭ |
| | ୨୩-୦୩-୨୦୨୪ | ୦ | ୩୨ | ୨୨ | ୦ | ୬୯ | ୨୦ | ୬ | ୧୧୨ |
| | ୨୪-୦୩-୨୦୨୪ | ୦ | ୩୩ | ୨୩ | ୦ | ୪୧ | ୧୧ | ୮ | ୨୫୯ |

### କୃଷି ପାଣିପାଗ ଉପଦେଶ

**ସାଧାରଣ ପରାମର୍ଶ : ବିଶେଷ ସତର୍କତା :** ଆଗାମୀ ପାଞ୍ଚ ଦିନରେ ୦୫ ,ମାର୍ଚ୍ଚ ରେ ସୁନ୍ଦରଗଡ ଜିଲ୍ଲାରେ ଅତି ହାଲୁକା ରୁ ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।

**ରବି ଡାଲି ଫସଲ :**

ମୁଗ ବିରି ବୁଟ ଓ ମଟର ଫସଲରେ ଶତକଡା ୯୦ ଭାଗ ଛୁଇଁ ପାକଳ ହୋଇଗଲେ ଅମଳ କରନ୍ତୁ

ଅମଳ ପରେ ମଞ୍ଜିକୁ ଭଲଭାବରେ ଟାଣ ଖରାରେ ୨-୩ ଦିନ ଶୁଖାଇ ସାଇତି ରଖନ୍ତୁ ମୁଗ ଓ ବିରିରେ କୁଇଣ୍ଟାଲ ପ୍ରତି ୨୦୦ ଗ୍ରାମ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ରଖିଲେ ପୋକ ଲାଗିବାର ଆଶଙ୍କା ନଥାଏ

**ଖରାଟିଆ ଚିନାବାଦାମ :**

ତାପମାତ୍ରା ବଢ଼ିବାର ସମ୍ଭାବନା ଥିବାରୁ ଜଳସେଚନ ର ସୁବିଧା କରନ୍ତୁ

ଏହି ସମୟରେ ଧବଳ ଭୃଙ୍ଗ ଓ ଉଈ ଲାଗିବାର ଅଧିକ ସମ୍ଭାବନା ରହିଛି ଏଥିପାଇଁ ଏହାର ଦମନ ପାଇଁ ଏକର ପ୍ରତି ୧୦ କିଗ୍ରା କ୍ଲୋରୋପାଇରିଫସ ଗୁଣ୍ଡ ଦାନାଦାର ବିଷ ପ୍ରୟୋଗ କରନ୍ତୁ

ଚିନାବାଦାମ ଫସଲରେ ଜେ କୌଣସି ପତ୍ରଖିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଟ୍ରାଏଜୋଫସ ମିଶାଇ ପତ୍ରରେ  ସିଞ୍ଚନ କରନ୍ତୁ

ଫୁଲ ଧରିବା ପରେ ଆଉ ମାଟିକୁ କୋଡ଼ାଖୁସା କରନ୍ତୁ ନାହିଁ କାରଣ ଏହି ସମୟ ଠାରୁ ଫୁଲ ଝାଉଁଳି ତାର ଓହଳ ଗୁଡିକ କ୍ରମେ ଭିତରକୁ ପ୍ରବେଶ କରି ଫଳ ଫଳେ

**ମଣ୍ଡିଆ :**

ମଣ୍ଡିଆ ଲଗାଇବାର ୩-୪ ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ

**ଖରାଟିଆ ସୂର୍ଯ୍ୟମୁଖୀ  :**

ସଅଳ ଲଗାଯାଇଥିବା ଫସଲ ୨୦ ଦିନର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛିଦିଅନ୍ତୁ

ଅଧିକ ଅମଳକ୍ଷମ ବିହନରେ ଏକର ପ୍ରତି ୩ ଗ୍ରାମ ଯବକ୍ଷାରଜାନ ଓ ଶଙ୍କର ଜାତୀୟରେ ଏହାର ଦୁଇଗୁଣା ସାର ପ୍ରୟୋଗ କରନ୍ତୁ ସାରକୁ ଗଛ ମୂଳ ଠାରୁ ୩-୫ ଇଞ୍ଚ ଛଡାରେ ଏବୌଁ ୨-୩ ଇଞ୍ଚ ଗଭୀରରେ ପ୍ରୟୋଗ କରନ୍ତୁ

ଯେଉଁ ଜାଗାରେ ଦୁଇଟି ଗଛ ଉଠିଥାଏ ସୁସ୍ଥ ଓ ନୀରୋଗ  ଗଛ ରଖି ଅନ୍ୟଟି ଉପାଡି ଦିଅନ୍ତୁ

**ଭେଣ୍ଡି ଚାଷ :**

ଭେଣ୍ଡି ର ଉନ୍ନତ କିସମଗୁଡିକ ହେଉଛି ଆର୍କା ଅଭୟ ,ଉତ୍କଳ ଗୌରବ ,ଆର୍କା ଅନାମିକା ଏବୌଁ ପୁଷା –ଏ -୪

ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେମି *୩୦ ସେମି ରହିବା ଦରକାର

ଭେଣ୍ଡି ଲଗାଇବା ସମୟରେ ହେକ୍ଟର ପିଛା ୨୦ ଗାଡି ଭଲ ଶଢା ଗୋବର ଖତ ସହ ୮୦ କିଗ୍ରା ଯବକ୍ଷାରଜାନ ,୪୦ କିଗ୍ରା ଫସ୍ଫରସ ଏବୌଁ ପଟାସ ସାର ମୂଳସାର ହିସାବରେ ପ୍ରୟୋଗ କରନ୍ତୁ

**ଅମୃତଭଣ୍ଡା :**

ବର୍ତମାନ ସମୟ ଅମୃତଭଣ୍ଡା ଲଗାଇବାର ପ୍ରକୃଷ୍ଟ ସମୟ ଅଟେ ହନି ଡ୍ୟୁ କୁର୍ଜ୍ ହନି ଡ୍ୟୁ କୋଏମ୍ବାଟୁର -୧ କୋଏମ୍ବାଟୁର-୨ ପୁଷା ଡ଼େଲିସିୟସ ପୁଷା ମେଜେଷ୍ଟିକ ପୁଷା ଡ୍ୱାର୍ଫ ପୁଷା ଜାଏଣ୍ଟ ଆଦି କିସମ ଚୟନ କରନ୍ତୁ

୨.୫ ମି x ୨.୫ ମି ଦୂରତା ରେ ୦.୫x ୦.୫ ମିଟର ଗାତ କରି ଅମୃତଭଣ୍ଡା ଗଛ ଲଗାନ୍ତୁ

ଲଗାଇବା ବେଳେ ଗାତ ପ୍ରତି ୨ ଝୁଡି କମପୋଷ୍ଟ  ଦେଇ ଲଗାନ୍ତୁ ଏହା ସହିତ ୪୦୦ ଗ୍ରାମ ସି ଏ ନ ୨୫୦ ଗ୍ରାମ ସୁପର ଓ ୩୦୦ ଗ୍ରାମ ଏମ ଓ ପି ସାର ପ୍ରୟୋଗ କରନ୍ତୁ

**ଲଙ୍କା :**

ଲଙ୍କାରେ ଉକୁଣିଆ ପୋକ ଲାଗିଥିଲେ ଏହାର ଦମନ ପାଇଁ ୧୫ ଲିଟର ପାଣିରେ ୩ ଗ୍ରାମ x ହିସାବରେ ଏସିଟାମିପ୍ରିଡ x ମିଶାଇ ସିଞ୍ଚନ କରନ୍ତୁ ସେହିପରି ଅଷ୍ଟପଦୀ ର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ପ୍ରୋପାରଜାଇଟ ମିଶାଇ ସିଞ୍ଚନ କରନ୍ତୁ

**ମାଛ ଚାଷ :**

ବିଷାକ୍ତ ପ୍ରଭାବକୁ ନିବାରଣ କରି ମାଛ ଉତ୍ପାଦନରେ ଚୂନ ବହୁବିଧ ଉପକାରୀ ଭାବେ ସାବ୍ୟସ୍ତ ହୁଏ

ଚୂନ ପ୍ରୟୋଗ ଫଳରେ ପୋଖରୀରେ ଅଙ୍ଗାର ଆମ୍ଳୀକରଣରେ ସହାୟ ହୁଏ ଏବୌଁ ବିଭିନ୍ନ ରୋଗକାରୀ ଜୀବାଣୁ ମାନଙ୍କୁ ଦମନ କରି ପରିବେଶ ନିରୋଗ ରଖେ

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ବିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍‌ଡାଉନଲୋଡ୍ କରିବା: (ଏଣ୍ଡ୍ରଏଡ୍: ***https://play.google.com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି ଶାଖା ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମିତ୍ତ ବିକ୍ରି ହଉଅଛି |**

*ନୋଡାଲ ଅଫିସର, କିରେଇ*